# NATIONAL NEWS BULLETIN (ODIA)

## 28 January - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ବଜେଟ୍ ଅଧିବେଶନର ପ୍ରଥମ ଦିନରେ ସଂସଦର ଉଭୟ ଗୃହକୁ ରାଷ୍ଟ୍ରପତିଙ୍କ ସମ୍ବୋଧନ ।

– ଜାତୀୟ ସ୍ୱାର୍ଥ, ଦେଶର ସାମଗ୍ରୀକ ବିକାଶ ତଥା ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖିବା ଦିଗରେ ସମ୍ମିଳିତ ପ୍ରଚେଷ୍ଟା ଉପରେ କଲେ ଗୁରୁତ୍ୱାରୋପ ।

- ଭାରତୀୟ ଯୁବବର୍ଗଙ୍କ ଦକ୍ଷତା ଓ ସଂସ୍କୃତି ଲାଗି ସମଗ୍ର ବିଶ୍ୱ ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରିଛି, କହିଲେ ପ୍ରଧାନମନ୍ତ୍ରୀ ।

- ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କର ବିୟୋଗରେ ଆଜି ଲୋକସଭାରେ କରାଯାଇଛି ନିରବ ପ୍ରାର୍ଥନା ।

ଏବଂ

- ବିଶାଖାପଟନମ୍ ଟି-୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ଭାରତର ନିଷ୍ପତ୍ତି ।

# ପ୍ରେସିଡେଣ୍ଟ-ଆଡ୍ରେସ୍

ଅପରେସନ୍ ସିନ୍ଦୂର ସମୟରେ ଭାରତୀୟ ପ୍ରତିରକ୍ଷା ବାହିନୀର ଅଦମ୍ୟ ସାହସ ଓ ଶକ୍ତିକୁ ସମଗ୍ର ବିଶ୍ୱ ଦେଖିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ସଂସଦର ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଉଭୟ ଗୃହର ମିଳିତ ବୈଠକକୁ ସମ୍ବୋଧିତ କରି ସେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଯଦି ଭାରତ ଉପରେ କୌଣସି ସନ୍ତ୍ରାସବାଦ ଆକ୍ରମଣ ହୁଏ ତେବେ ଏହାର ଦୃଢ଼ ତଥା ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ଏହି ଅପରେସନ୍ ମାଧ୍ୟମରେ ଭାରତ ସମଗ୍ର ବିଶ୍ୱକୁ ଏକ ଶକ୍ତ ବାର୍ତ୍ତା ଦେଇଛି ।

**VO-2-PRESI-OP-SINDOOR**

ରାଷ୍ଟ୍ରପତି କହିଛନ୍ତି, ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଲାଗି ମିଶନ୍ ସୁଦର୍ଶନ ଚକ୍ର କାର୍ଯ୍ୟକାରୀ କରାଯିବ । ୨୦୨୫ ମସିହାରେ ଭାରତର ପ୍ରତିରକ୍ଷା ଉତ୍ପାଦନ ଦେଢ଼ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିବା ବେଳେ ପ୍ରତିରକ୍ଷା ରପ୍ତାନୀ ପରିମାଣ ରେକର୍ଡ଼ ମୂଲ୍ୟ ୨୩ ହଜାର କୋଟି ଟଙ୍କା ଅତିକ୍ରମ କରିଛି । ଅପରେସନ୍ ସିନ୍ଦୂର ପରେ ପ୍ରତିରକ୍ଷା କ୍ଷେତ୍ରରେ ମେଡ୍ ଇନ୍ ଇଣ୍ଡିଆ ଯୋଜନାର କାର୍ଯ୍ୟକାରିତା ଅଧିକ ସଶକ୍ତ ହୋଇପାରିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ସରକାରଙ୍କ ନୀତି ଅନୁଯାୟୀ ମାଓବାଦୀଙ୍କ ବିରୁଦ୍ଧରେ ସୁରକ୍ଷା ବାହିନୀ ପକ୍ଷରୁ ନିର୍ଣ୍ଣାୟକ ପଦକ୍ଷେପ ନିଆଯାଉଛି । ପୂର୍ବରୁ ଦେଶର ମାଓ ପ୍ରଭାବିତ ୧୨୬ଟି ଜିଲ୍ଲାରେ ଭୟ, ଅସୁରକ୍ଷିତ ଓ ଅବିଶ୍ୱାସର ପରିବେଶ ଥିବା ବେଳେ ଗତ ୧୧ ବର୍ଷ ମଧ୍ୟରେ ସରକାରଙ୍କର ଏହା ବିପକ୍ଷରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏହି ଜିଲ୍ଲା ସଂଖ୍ୟା ବର୍ତ୍ତମାନ ୮କୁ ହ୍ରାସ ପାଇଛି । ସେଥିମଧ୍ୟରୁ ମାତ୍ର ୩ଟି ଜିଲ୍ଲା ବିଶେଷ ପ୍ରଭାବିତ ବୋଲି ଜଣାପଡ଼ିଛି । ଗତବର୍ଷ ପ୍ରାୟ ୨ ହଜାର ମାଓବାଦୀ ଆତ୍ମସମର୍ପଣ କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ଫଳରେ ମାଓ ପ୍ରଭାବିତ ଅଞ୍ଚଳଗୁଡ଼ିକର ରୂପାନ୍ତରୀକରଣ ପ୍ରକ୍ରିୟା ସଫଳତାର ସହ କାର୍ଯ୍ୟକାରୀ କରାଯାଇ ପାରିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି, ୨୦୧୪ ମସିହାର ପ୍ରାରମ୍ଭରେ ସାମାଜିକ ସୁରକ୍ଷା ଯୋଜନା ଦେଶର ୨୫ କୋଟି ନାଗରୀକଙ୍କ ନିକଟରେ ପହଞ୍ଚି ପାରୁଥିବା ବେଳେ ସରକାରଙ୍କ ନିରନ୍ତର ପ୍ରଚଷ୍ଟା ଯୋଗୁଁ ବର୍ତ୍ତମାନ ଏହାର ସୁଫଳ ପ୍ରାୟ ୯୫ କୋଟି ଭାରତୀୟ ପାଇପାରୁଛନ୍ତି । ସବ୍ କା ସାଥ୍ ସବ୍ କା ବିକାଶର ଦୃଷ୍ଟିକୋଣ ମାଧ୍ୟମରେ ଦେଶ ବ୍ୟାପି ସମସ୍ତ ନାଗରୀକଙ୍କର ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆସିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ଦେଶର ଯୁବବର୍ଗ, କୃଷକ, ଶ୍ରମିକ, ଉଦ୍ୟୋଗୀ ନିରନ୍ତର ଭାବେ ବିକଶିତ ଭାରତ ଗଠନ ଦିଗରେ ନିଜର ପ୍ରଚେଷ୍ଟା ଜାରି ରଖିଥିବାରୁ ରାଷ୍ଟ୍ରପତି ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ ହେବା ସହିତ

ବିକଶିତ ଭାରତ ଯାତ୍ରା ଦିଗରେ ୨୦୨୬ ବର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଯେକୌଣସି ନ୍ୟାୟ ବ୍ୟବସ୍ଥା ଭୟ ନୁହେଁ ବରଂ ସୁରକ୍ଷା, ସଶକ୍ତିକରଣ ଏବଂ କ୍ଷମତା ବୃଦ୍ଧି ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି । ଏହି ନୀତି ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତାକୁ ଦେଶ ବ୍ୟାପି କାର୍ଯ୍ୟକାରୀ କରାଯାଇଛି । ଏଥିସହିତ ଜନବିଶ୍ୱାସ ଆଇନ୍‌ର ଏକ ନୂତନ ସଂସ୍କରଣ ମଧ୍ୟ ଆଗତ କରାଯାଇଛି । ବିକଶିତ ଭାରତ ଦୃଷ୍ଟିକୋଣକୁ ସାକାର କରିବା ଲାଗି ସରକାର ଏହି ସଂସ୍କାର ଏକ୍ସପ୍ରେସ୍‌ର ଗତିକୁ ତ୍ୱରାନ୍ୱିତ କରିବା ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । ସଂସଦ, ସରକାର ଏବଂ ନାଗରିକମାନେ ମିଳିତ ଭାବେ ଏହି ସ୍ୱପ୍ନକୁ ସାକାର କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ସେହିଭଳି ଜାତୀୟ ସ୍ୱାର୍ଥ, ଦେଶର କଲ୍ୟାଣ ତଥା ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖିବା ଲାଗି ସମସ୍ତେ ମିଳିମିଳି ସୂଚାରୁରୂପେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ।

## ପିଏମ୍‌-ପ୍ରେଜ୍ ଆଡ୍ରେସ୍

ସଂସଦର ବଜେଟ୍ ଅଧିବେଶନ ଅବସରରେ ଉଭୟ ଗୃହର ମିଳିତ ବୈଠକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ' ଭାରତର ବର୍ତ୍ତମାନର ଉଲ୍ଲେଖନୀୟ ବିକାଶ ମୂଳକ ଯାତ୍ରାର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ଶ୍ରୀ ମୋଦୀ ଏହି ସମ୍ବୋଧନକୁ ବିସ୍ତୃତ ତଥା ଅନ୍ତର୍ଦୃଷ୍ଟି ସମ୍ପନ୍ନ ଭାବେ ଅଭିହିତ କରିଛନ୍ତି । ସେ କହିଛନ୍ତି, ଏହି ସମ୍ବୋଧନରେ ବିକଶିତ ଭାରତ ଗଠନ ଉପରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଏକ ସଶକ୍ତ ତଥା ଆତ୍ମନିର୍ଭର ଦେଶ ଗଠନ ଦିଗରେ ନିଆଯାଉଥିବା ପଦକ୍ଷେପ ମଧ୍ୟ ସ୍ଥାନ ପାଇଛି । ଏତଦ୍‌ବ୍ୟତୀତ ମହିଳା, ଚାଷୀ, ଯୁବବର୍ଗ, ଗରିବ ଏବଂ ଅବହେଳିତ ବର୍ଗର ଲୋକଙ୍କ କଲ୍ୟାଣ ଲାଗି ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ପ୍ରସଙ୍ଗ ମଧ୍ୟ ଏହି ଅଭିଭାଷଣରେ ଉପଯୁକ୍ତ ସ୍ଥାନ ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପିଏମ୍ ଏନ୍‌ସିସି-ର୍‌ୟାଲି

ଦେଶ ପ୍ରଥମ ଚିନ୍ତାଧାର ପ୍ରତି ଯୁବବର୍ଗଙ୍କର ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀର କାରିଆପ୍ପା ପରେଡ୍ ଗ୍ରାଉଣ୍ଡରେ ଏନ୍.ସି.ସି. ପି.ଏମ୍. ବାର୍ଷିକ ର୍‌ୟାଲିରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଚଳିତ ବର୍ଷ ଏହି ର୍‌ୟାଲିର ବିଷୟବସ୍ତୁ ରହିଛି 'ରାଷ୍ଟ୍ର ପ୍ରଥମ – କର୍ତ୍ତବ୍ୟ ନିଷ୍ଠା ଯୁବା' ଶ୍ରୀ ମୋଦୀ କହିଛନ୍ତି, ଏନ୍.ସି.ସି. ମାଧ୍ୟମରେ ଭାରତର ଯୁବବର୍ଗ ଶୃଙ୍ଖଳିତ ହେବା ସହ ଦେଶ ପ୍ରତି ସମର୍ପଣ ଭାବ ବୃଦ୍ଧି ପାଇଛି । ସେମାନଙ୍କର ଦକ୍ଷତା ଓ ସଂସ୍କୃତି ଲାଗି ସମଗ୍ର ବିଶ୍ୱ ଭାରତର ଯୁବବର୍ଗଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି ।

## VO-1-PM-MODI-ON-YOUTH

ଦେଶ ବ୍ୟାପି ଏନ୍.ସି.ସି. କ୍ୟାଡେଟସ୍ ଓ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ମୋଦୀ କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଏନ୍.ସି.ସି.ର ଶକ୍ତି ୧୪ ଲକ୍ଷରୁ ୨୦ ଲକ୍ଷକୁ ବୃଦ୍ଧି ପାଇଛି । ଏଥିସହିତ ସୀମାବର୍ତ୍ତୀ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରୁ ମଧ୍ୟ ଏନ୍.ସି.ସି.ରେ ଅଂଶଗ୍ରହଣ କରିବା ଲାଗି ଯୁବବର୍ଗଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଛି । ବିଶେଷ କରି ଚଳିତ ବର୍ଷ ମହିଳା କ୍ୟାଡେଟ୍‌ମାନଙ୍କର ଏନ୍.ସି.ସି.ରେ ଉଲ୍ଲେଖନୀୟ ବୃଦ୍ଧି ଯୋଗୁଁ ପ୍ରଧାନମନ୍ତ୍ରୀ ସନ୍ତୋଷବ୍ୟକ୍ତ କରିଛନ୍ତି ।

## VO-2-PM-MODI-ON-NCC-STRENGTH

ସମ୍ପ୍ରତି ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମା – ଏଫ୍.ଟି.ଏ. ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ଦେଶର ଷ୍ଟାର୍ଟଅପ୍ ଗୁଡ଼ିକ ଲାଭାନ୍ୱିତ ହେବେ । ପୁଞ୍ଜିନିବେଶ ଏବଂ ନବସୃଜନତା ଇକୋ ସିଷ୍ଟମ ବୃଦ୍ଧି ପାଇବା ସହିତ ଭାରତର ନବସୃଜନାତ୍ମକ ଅର୍ଥନୀତିକୁ ମଧ୍ୟ ପ୍ରୋତ୍ସାହନ ମିଳିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପୂର୍ବରୁ ଭାରତ ଓମାନ୍, ନ୍ୟୁଜିଲାଣ୍ଡ, ବ୍ରିଟେନ୍, ସଂଯୁକ୍ତ ଆରବ ଏମିରେଟସ୍, ଅଷ୍ଟ୍ରେଲିଆ ଓ ମରିସସ୍ ଭଳି ଦେଶଗୁଡ଼ିକ ସହିତ ଏଫ୍.ଟି.ଏ. ସ୍ୱାକ୍ଷର କରିସାରିଛି । ଏହା ମାଧ୍ୟମରେ ଦେଶର ଲକ୍ଷ ଲକ୍ଷ ଯୁବବର୍ଗ ମଧ୍ୟ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତ କେବଳ ଅର୍ଥନୈତିକ ସମୃଦ୍ଧିରେ ସୀମିତ ନୁହେଁ

ବରଂ ଦେଶର ସାମଗ୍ରୀକ ବିକାଶ ସହ ବିଭିନ୍ନ କ୍ଷେତ୍ରରେ ବିଶ୍ୱସ୍ତରରେ ନେତୃତ୍ୱ ନେବାର ପଥ ଉନ୍ମୁକ୍ତ ହେବ । ଦେଶ ପ୍ରତି ଥିବା କର୍ତ୍ତବ୍ୟ ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି । ଆଜିର ଏହି ପ୍ୟାରେଡ୍‌ରେ ଦେଶ ବ୍ୟାପି ୮୯୮ ମହିଳାଙ୍କ ସମେତ ମୋଟ୍ ୨ହଜାର ୪୦୬ ଏନ୍.ସି.ସି. କ୍ୟାଡେଟ୍ ଯୋଗ ଦେଇଥିଲେ । ୨୧ଟି ଦେଶରୁ ମଧ୍ଧ ୨୦୭ ଯୁବକ, ଯୁବତୀ ଓ ଅଧିକାରୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ । ଏହି ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଉପସ୍ଥିତ ଥିଲେ ।

## ଏଲ୍‌ଏସ୍ ଆର୍‌ଏସ୍-ପାୱାର

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କର ଆଜି ପୁଣେ ଜିଲ୍ଲାର ବାରାମତୀ ବିମାନ ବନ୍ଦର ନିକଟରେ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ  ଅଜିତ ପାୱାରଙ୍କ ସମେତ ବିମାନରେ ଥିବା ୨ ଜଣ ସୁରକ୍ଷାକର୍ମୀ ଓ ୨ ଜଣ ପାଇଲଟଙ୍କର ମୃତ୍ୟୁ ଘଟିଛି । ବାରାମତୀରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ପାଇଁ ଶ୍ରୀ ପାୱାର ମୁମ୍ବାଇରୁ ବାରାମତୀ ଅଭିମୁଖେ ଯାଇ ଅବତରଣ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଶ୍ରୀ ପାୱାରଙ୍କ ମୃତ୍ୟୁରେ ମହାରାଷ୍ଟ୍ରରେ ଆଜିଠାରୁ ତିନିଦିନ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି ।

ଏତଦ୍ ବ୍ୟତୀତ ଅଜିତ ପାୱାରଙ୍କ ସମ୍ମାନାର୍ଥେ ଆଜି ଲୋକସଭାରେ ନିରବ ପ୍ରାର୍ଥନା କରାଯାଇଛି । ଶ୍ରୀ ପାୱାର ଦଶମ ଲୋକସଭାର ସଦସ୍ୟ ଥିଲେ ।

# କ୍ରିକେଟ୍

ବିଶାଖାପଟନମ୍ର **ACA-VDCA** ଷ୍ଟାଡିୟମ୍ଠାରେ ଚାଲିଥିବା ଚତୁର୍ଥ ଟି-୨୦ ମ୍ୟାଚ୍ରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ନ୍ୟୁଜିଲାଣ୍ଡ ୨ ଓଭରରେ କୌଣସି ୱିକେଟ୍ ନହରାଇ ୨୬ ରନ୍ କରିଛି ।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଗତ ୩ଟିଯାକ ମ୍ୟାଚ୍ରେ ଭାରତ ଏକତରଫା ଭାବେ ବିଜୟ ହାସଲ କରିଛି । ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ରେ ଭାରତ ବର୍ତ୍ତମାନ ୩-୦ରେ ଆଗୁଆ ରହିଛି ।